# संगिनी

**SANGINEE :** *Smile.. Stride.. Scintillate..*

**Nalco Mahila Samiti**
**Quarterly Magazine**
**January-March 2019**



# From the Editor's Pen

*Know what you want to do, hold the thought firmly, and do everyday what should be done, and every sunset will see you that much nearer to your goal.*

**-Elbert Hubbard**

*Yet another year yawned on the sands of time and said it is time to say adieu to 2018 and welcome 2019 to forge a new relationship and rekindle a new hope. Don't think more of what you have lost in the past. Life can't unwind to move backwards…..focus on what you can do ahead with a different mindset of new hope, guiding aspiration, confirmed faith and strong desire to plunge into better activities. Envision the future in mind that you love, and then start working determinedly to make it a reality. Thus be proactive because the world is positive and beautiful, optimistic and good if you think and act positive. NALCO MAHILA SMITI is passionate about its goals and drives i.e. to accomplish its objectives by thinking good and doing good and striding for extra miles by reminding the inner self "What lies behind us and what lies before us are tiny matters compared to what lies within us." Thus is the endeavour towards upliftment of personal life and community life towards greatness and goodness by serving humanity. Our gratitude to all those who have stood with us in accomplishing this noble cause. Be it at Angul, Damanjodi or Bhubaneswar NALCO MAHILA SMITI has strived to help transform the downtrodden human life by helping them to resolve their problems.*



Editor in Chief
**Preeti Roy Chand**

*When Mrs. Seema from Damanjodi rings up to say Madam we have worked relentlessly to see a glimpse of smile on the faces of those who need us on their side it added to our treasure of satisfaction. In fact joys know no bound to welcome such service which is not idealism rather an ethical turn of mind. When chilly winter night was blanketing the city with its cold cover the members of NALCO MAHILA SMITI dared the icy fingers of the Winter and covered those shivering souls who were sleeping either on the Railway platform or road side pavements when the temperature was below 10oC.*

*"Sanginee" is the mirror of our new turning, a new growth and a new waking into a new becoming or new being with new realization that it is not only "Me too" it is "We too" always for good, an ardent and exalted emotional, spiritual and humanitarian fervor for attaining communal peace and harmony and improving community life.*

*Happy New Year, Happy Makar Sankranti, Happy Pongal, Happy Bhogali Bihu, Happy Republic Day.*

**Preeti Roy Chand**

Editorial Board
**Poonam Thakur**
**Shagufta Jabeen**
**Debjani Mishra**

Co-ordinator
**Sabita Patnaik**

Design Concept
**Aswini Sutar**

# ଶିଶୁ ଶ୍ରମିକ - ଏକ ଚିନ୍ତନ

ଶିଶୁ ସୁବର୍ଣ୍ଣ ଯୁଗର ନିର୍ମାତା। ସେମାନେ ଆସନ୍ତା କାଲିର ମନୋରମ ସକାଳ। କିନ୍ତୁ ଆଜି ହଜିଯାଇଛି କୋମଳମତି ଶିଶୁମାନଙ୍କ ପିଲାଦିନ। ସମାଜରେ ବସ୍ତୁବାଦିତା ପ୍ରତି ମୋହ ବଢ଼ିଚାଲିଛି, ଆଉ ତା' ସହିତ ବଢ଼ିଚାଲିଛି ଶିଶୁମାନଙ୍କ ଉପରେ ମାନସିକ ନିର୍ଯ୍ୟାତନା। ସଭ୍ୟ ସମାଜରେ ଅନେକ ଶିକ୍ଷିତ ବ୍ୟକ୍ତିଙ୍କ ଅତ୍ୟାଚାରରେ ପୀଡ଼ିତ ହୋଇଥିବା ଅନେକ ନିଷ୍ପାପ ଶିଶୁଙ୍କ ଲୋମହର୍ଷଣକାରୀ କରୁଣ କାହାଣୀ ଆଜି ମଧ୍ୟ ଦେଖିବାକୁ ମିଳୁଛି।

ଆମ ଦେଶରେ ଗାଁର ମୁରବି, ମୁଖିଆଠାରୁ ଆରମ୍ଭ କରି ଆମ ଜନ ପ୍ରତିନିଧିମାନଙ୍କ ଗର୍ଜନ - ଶିଶୁ ଶ୍ରମିକ ବନ୍ଦ କର, ଶିଶୁ ଶ୍ରମିକ ହେବେ ନାହିଁ। ଶିଶୁମାନେ ଶ୍ରମିକ କାର୍ଯ୍ୟ କରିବେ ନାହିଁ। କିନ୍ତୁ ସମ୍ପ୍ରତି ବିଶ୍ୱରେ ଶିଶୁଶ୍ରମିକ ସମସ୍ୟା ଏକ ବିରାଟ ସମସ୍ୟା ହୋଇ ଦେଖା ଦେଇଛି। ଯେଉଁ ସମୟରେ ଶିଶୁଟି ହାତରେ ବହିବ୍ୟାଗ୍ ଧରି ସ୍କୁଲକୁ ଯିବାକଥା, ପିତାମାତାଙ୍କ ଆଦର ଯତ୍ନରେ ସମୟ ଅତିବାହିତ କରିବା କଥା, ସେହି ବୟସରେ ବହୁ ଶିଶୁ ବିଭିନ୍ନ କଠିନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ସେମାନଙ୍କର ସ୍ୱଳ୍ପ ଆୟ ପିତାମାତାଙ୍କ ହାତରେ ଧରାଇ ଦେଉଛନ୍ତି। ଦୁଃଖର ବିଷୟ ଏକ ଗଣତନ୍ତ୍ର ରାଷ୍ଟ୍ରରେ ଶିଶୁ ତା'ର ଯଥାର୍ଥ ଅଧିକାର ଲାଭ କରିବାକୁ ଅସମର୍ଥ। ସମଗ୍ର ମାନବ ସମାଜ ପାଇଁ ଏହା ଯେ ଏକ ଘୋର ଲଜ୍ଜାକର ଓ ସମ୍ମାନହାନିକାରକ ବିଷୟ, ଏଥିରେ ଦ୍ୱିରୁକ୍ତି ନାହିଁ।

ତୃତୀୟ ବିଶ୍ୱରେ ଭାରତରେ ଶିଶୁ ଶ୍ରମିକଙ୍କ ସମସ୍ୟା ସର୍ବାଧିକ। ଭାରତର ବହୁଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବାରୁ ଶିଶୁଟିଏ ଜନ୍ମ ହେବାପରେ ତା'ର ଉପଯୁକ୍ତ ତତ୍ତ୍ୱ ନେବାପାଇଁ ପିତାମାତାଙ୍କ ନିକଟରେ ଆବଶ୍ୟକୀୟ ସମ୍ବଳର ଅଭାବ ଦେଖାଯାଇଥାଏ। ଏହି ଶିଶୁ ବାଲ୍ୟକାଳ କ'ଣ ଜାଣେ ନାହିଁ। ପିଲାଟି ଦିନରୁ ବିଭିନ୍ନ କଳକାରଖାନା, ଦୋକାନ, ହୋଟେଲ, ଚା ବଗିଚା ତଥା ଅନ୍ୟାନ୍ୟ ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ନିଜର ପରିବାରକୁ ଆର୍ଥିକ ସାହାଯ୍ୟ କରେ। ଶିଶୁମାନଙ୍କ ମଜୁରୀ କମ୍ ହୋଇଥିବାରୁ ଶିଳ୍ପପତିମାନେ ଆଗ୍ରହରେ ସେମାନଙ୍କୁ ନିଯୁକ୍ତି ଦେଇଥାନ୍ତି। ଦାରିଦ୍ର୍ୟର ଫାଇଦା ଉଠାଇ ପିଲାଙ୍କୁ କିଛି ପାଠପଢୁଆ ସ୍ୱାର୍ଥପର ଶ୍ରେଣୀର ବ୍ୟକ୍ତିମାନେ ନିଜଘରେ କାମ କରାଇଥାନ୍ତି। ଶ୍ରମ ବିଭାଗ ବା ଶିଶୁ ମଙ୍ଗଳ କମିଟି ଦ୍ୱାରା ଧରାପଡ଼ିଲେ କୁହନ୍ତି ପିଲାଟିକୁ ପାଠ ପଢ଼ାଇବା ପାଇଁ ନେଇ ଆସିଛି ତ କେତେବେଳେ କୁହନ୍ତି ଦେହ ଦେଖାଇବା ପାଇଁ ଆମ ଘରକୁ ନେଇ ଆସିଛି। ଛୋଟ ଛୋଟ ଝିଅ ପିଲାମାନଙ୍କୁ ନିଜ ଘରେ କାମ କରାଇବାକୁ ଯେଉଁ ବିଶିଷ୍ଟ ବ୍ୟକ୍ତିଗଣ ଆଗ୍ରହ ପ୍ରକାଶ କରିଥାନ୍ତି, ସେମାନେ କେବେ ସେମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତି ନାହିଁ। ଅନେକ ଶିଶୁବାଳିକା ଦାରିଦ୍ର୍ୟର ଶିକାର ହୋଇ ଏହି ପେଷାକୁ ଆଦରି ନେଇଥାନ୍ତି। ଅନେକ ସମୟରେ କାର୍ଯ୍ୟରତ ଏହି ଶିଶୁ ବାଳିକା ଯୌନ ନିର୍ଯ୍ୟାତନାର ଶିକାର ହେଉଥିବାର ଖବର ମଧ୍ୟ ମିଳିଥାଏ। ଅନ୍ୟ ଏକ ଚାଞ୍ଚଲ୍ୟକର ଘଟଣା ହେଉଛି ଏବେ ମଧ୍ୟ ଭାରତର ବହୁ ଶିଶୁଙ୍କୁ ମଧ୍ୟ ପ୍ରାଚ୍ୟ ଏବଂ ଆରବ ରାଷ୍ଟ୍ରରେ ଭିକ୍ଷାବୃତ୍ତି କରିବା ଉଦ୍ଦେଶ୍ୟରେ ବିକ୍ରୟ କରାଯାଉଛି।

ଭୋକିଲା ବା କେଉଁ ପାପ କରିନପାରେ ? କ୍ଷୁଧାର୍ତ୍ତ କେବଳ ଜୀବନର ପ୍ରାଥମିକ ଆବଶ୍ୟକତା ଖାଦ୍ୟ ପାଇଁ ଭଲରେ ଭଲ ବିସ୍ମୃତ ହୋଇ ପାପ କରିଥାଏ। ମାଗି ଖାଏ, ଆବଶ୍ୟକ ପଡ଼ିଲେ ଲାଗିଥାଏ। ସେଠି ସେ କୌଣସି ମର୍ଯ୍ୟାଦା ପ୍ରସଙ୍ଗ ବୁଝେନା, ତା'ର ଆବଶ୍ୟକ କେବଳ ଖାଦ୍ୟ, ପେଟ ଚାଖଣ୍ଡକ ପାଇଁ ସେ କ'ଣ ହେଲେ କରିପକାଏ। ଏଇ ପେଟର ନାଟ ମୂଳରେ ଅଛି ଦାରିଦ୍ର୍ୟ ଓ ଅସହାୟତା।

ଭାରତୀୟ ସମ୍ବିଧାନ ପ୍ରଣୟନ ସମୟରେ ଶିଶୁମାନଙ୍କ ବିକାଶ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ସମ୍ବିଧାନର ୨୪ ଧାରାରେ ୧୪ ବର୍ଷରୁ କମ୍ କୌଣସି ଶିଶୁଙ୍କୁ କାରଖାନା, ଖଣିଖାଦାନ କିମ୍ବା ବିପଦସଙ୍କୁଳ ସ୍ଥାନରେ କାର୍ଯ୍ୟ କରିବାକୁ ନିଷେଧ କରାଯାଇଛି। ସମ୍ବିଧାନର ୩୯ (ଙ) ଧାରାରେ ଶିଶୁମାନଙ୍କୁ ଅର୍ଥ ଉପାର୍ଜନ ସଂସ୍ଥାରେ କାର୍ଯ୍ୟ କରିବାକୁ ନଦେବା ପାଇଁ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବିଧାନର ୪୫ ଧାରାରେ ପ୍ରତ୍ୟେକ ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦିଆଯାଇଛି। ଏସବୁ ସତ୍ତ୍ୱେ ବାସ୍ତବ କ୍ଷେତ୍ରରେ ବହୁ ବ୍ୟତିକ୍ରମ ଘଟୁଛି। ଶିଶୁ ଶ୍ରମିକ ସହରର ବିଭିନ୍ନ ଅଞ୍ଚଳରେ ଗୋତି ଶ୍ରମିକ ବା ଦାଦନ ଶ୍ରମିକ ରୂପେ କାର୍ଯ୍ୟ କରୁଛନ୍ତି। ନିମ୍ନମାନର ପରିବେଶ, କଠିନ ପରିଶ୍ରମ, ଛୁଟିଦିନରେ କାର୍ଯ୍ୟ, ସୁଷମ ଖାଦ୍ୟର ଅଭାବ, ଅଶାନ୍ତିମୟ ଜୀବନଯାପନ ଯୋଗୁଁ ଭାରତରେ ଶିଶୁଶ୍ରମିକ ଅକାଳରେ ମୃତ୍ୟୁ ମୁଖରେ ପଡ଼ିଥା'ନ୍ତି।

ଶିଶୁ ଶ୍ରମିକ ନିରାକରଣ ପାଇଁ ଆମ ଦେଶର ସଂସଦ ସର୍ବସମ୍ମତି କ୍ରମେ ଆଇନ ପ୍ରଣୟନ କରିଛନ୍ତି। ତଦନୁଯାୟୀ ଶିଶୁଶ୍ରମିକ ନିରୋଧ ଆଇନ ୧୯୮୬ ଏବଂ ଶିଶୁ ଓ କିଶୋର ଶ୍ରମିକ ନିଷିଦ୍ଧ ଓ ନିୟନ୍ତ୍ରଣ ଆଇନ ୨୦୧୬ ଅନୁଯାୟୀ ନିଜର ଜନ୍ମିତ ବାପ ମାଆ ମଧ୍ୟ କୌଣସି ବିପଦସଂକୁଳ ସ୍ଥାନରେ ଶିଶୁମାନଙ୍କୁ କାର୍ଯ୍ୟରେ ଲଗାଇ ପାରିବେ ନାହିଁ। ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଆଇନ ୨୦୦୯ ମୁତାବକ ଆମ ରାଜ୍ୟରେ ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ନାବାଳକ, ନାବାଳିକା ପାଠ ପଢ଼ିବା ପାଇଁ ବାଧ୍ୟ ରହିବେ। ଯଦି କୌଣସି ବ୍ୟକ୍ତିବିଶେଷଙ୍କ ପାଖେ ବା ଅନୁଷ୍ଠାନରେ କୌଣସି ନାବାଳକ ବା ନାବାଳିକା ଶିଶୁ ବିପଦସଂକୁଳ ଅବସ୍ଥାରେ କାର୍ଯ୍ୟ କରୁଥିବାର ଦୃଷ୍ଟିକୁ ଆସେ, ତଦନୁଯାୟୀ ଜନ୍ମିତ ଅଭିଭାବକ ଅଥବା ଘର ମାଲିକ, କଳକାରଖାନା ମାଲିକ ଅଥବା

କାର୍ଯ୍ୟରେ ନିୟୋଜିତ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଆଜି ଶିଶୁଶ୍ରମିକ ଏକ ବିରାଟ ସମସ୍ୟା ହୋଇ ଦେଖାଦେଇଛି। ବାସ୍ତବରେ ଦେଖିବାକୁ ଗଲେ ମାନବବାଦୀ ଚିନ୍ତାଧାରାର ଅବକ୍ଷୟ ଯୋଗୁ ହିଁ ଆଜି ଶିଶୁମାନେ ଏପରି ଅସହାୟ ଓ ଅବହେଳିତ। ପ୍ରତ୍ୟେକ ଶିଶୁଶ୍ରମିକଙ୍କର ନିଜସ୍ୱ ରୁଚି ଅଛି। ପରିଚୟ ଅଛି। ସେ ବି ଘରର ସ୍ନେହ ମମତା ମଧ୍ୟରେ ବାନ୍ଧିହୋଇ ରହିବାପାଇଁ ଚାହେଁ। ତା'ର ମଧ୍ୟ ସୁରକ୍ଷା ଦରକାର। କୌଣସି ପରିସ୍ଥିତିରେ ସେ ଧରାପଡ଼ିଲେ କହେ ମୁଁ ପରିବାରକୁ ଫେରିଯିବାକୁ ଚାହୁଁଛି, ମୁଁ ପାଠପଢ଼ିବା ପାଇଁ ଚାହୁଁଛି, ମୁଁ ଖେଳିବା ପାଇଁ ଚାହୁଁଛି, ଟେଲିଭିଜନ ଦେଖିବା ପାଇଁ ଚାହୁଁଛି ଇତ୍ୟାଦି... କିଏ କହିପାରିବ ଏହି ଶିଶୁଶ୍ରମିକମାନଙ୍କ ମଧ୍ୟରେ ନ ଥିବେ ଶିଶୁ ଅଭିନେତ୍ରୀ ଶ୍ୟାମଳି, ଶିଶୁ ବଂଶୀବାଦକ ଏସ୍.ଶଶାଙ୍କ, ଶିଶୁ ଆର୍କିଟେକ୍ଟ ରୂପା ବସୁ ଇତ୍ୟାଦି।

ଆସନ୍ତୁ ଏହାକୁ ଭାଗ୍ୟର ବିଡ଼ମ୍ବନା ନ କହି ବରଂ ପିଲାଟିର ମନକଥା ବୁଝିବାକୁ ଚେଷ୍ଟା କରିବା। ପରିସ୍ଥିତିର ଫାଇଦା ନ ଉଠାଇ ପିଲାଟିର ଭବିଷ୍ୟତ ନିର୍ମାଣ ପାଇଁ ଧ୍ୟାନ ଦେବା। ତାଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବା। ତାଙ୍କ ମୁହଁରେ ହସ ଫୁଟାଇବା। ସମାଜର ଦୃଷ୍ଟିକୋଣ ପରିବର୍ତ୍ତନ କରିବା ଓ ଶିଶୁଶ୍ରମିକ ମୁକ୍ତ ସମାଜ ଗଠନ କରିବା। ନିଷ୍ପାପ ଶିଶୁଟି ଏକ ଫୁଲ ପରି। ଶିଶୁ ହସିଲେ ଦୁନିଆ ହସେ। ଯଦି କୌଣସି କାରଣରୁ ସେ ବେସାହାରା ହୁଏ, ସାମାଜିକ ସ୍ଥିତି ହରାଏ, ଅସହାୟ ହୋଇପଡ଼େ, ତାକୁ କୂଳ କିନାରା ଦେବାକୁ ଆଗେଇ ଆସିବା ଭଳି ମନୋବୃତ୍ତିର ବିକାଶ ମାଧ୍ୟମରେ ଏହି ସାମାଜିକ ବିଭ୍ରାଟର ସମାଧାନ କରାଯାଇପାରିବ। ଆମକୁ ମନେ ରଖିବାକୁ ହେବ ଅସହାୟ, ଅକ୍ଷମ, ନିର୍ଯ୍ୟାତିତ ତଥା ଅନାଥ ଶିଶୁ ବସବାସ କରୁଥିବା ଏକ ଦେଶ କେବେହେଲେ ଉନ୍ନତ ଓ ବିକାଶପ୍ରାପ୍ତ ସମାଜ ବୋଲି ଆମେ ଦାବୀ କରିପାରିବା ନାହିଁ।

**ସସ୍ମିତା ମହାନ୍ତି**
ଅନୁଗୁଳ

---

# THE WELCOMING SMILE TO WINTER

Winter comes
In the rhythm of the seasons;
Winter comes
In man's life as a human season:
The two make all the difference.

A cold gaze into the wintry landscape
Stretched into infinity
Under cold grey skies;
The ground frozen solid
Under a blanket of snow;
The frosted gardens
Bereft of the blaze of colors,
Hands, feet and the fingers frostbitten;
Frozen fields, vast swathes of land;
Birds chilled by the icy wind
Cocooned in their roosts
In the thick of trees
Offer a panoramic view
Of snow-clad hills, mountaintops;
In the lap of Nature
In freezing cold.

The piercing cold is a short spell followed
By the mildness of sunny spring days
When everyone wears a jolly face
In a jolly mood;
The old and infirm feel sprightly;
The young look dreamy,
Get their jollies, jolly up one another,
Savor every moment of Christmas
In the bosom of their family,
Slicing off Christmas cakes,
Clasp Christmas cards in their bosom,
With Merry Christmas
And a Happy New Year!

**Jitendra Das**
Kendriya Vidyalaya No:3
Bhubaneswar

# ବୋଇତ ବନ୍ଦାଣ

ବୋହୂ ଲୋପା, ପୁଅ ଲଳିତ ଓ ନାତି ଲିଟୁଲ୍‌କୁ ନେଇ ମାଳତୀ ଦେବୀଙ୍କର ଏକ ସୁଖୀ ପରିବାର । ଠିକ୍ ବହିରେ ଅଙ୍କା ହୋଇଥିବା ହ୍ୟାପି ଫ୍ୟାମିଲି ପରି । ନିଜର ପରିପୂର୍ଣ୍ଣ ସଂସାରକୁ ଦେଖିଲେ ମାଳତୀ ଦେବୀ ଖୁବ୍ ଖୁସି ହୁଅନ୍ତି । ଏଥିପାଇଁ ସବୁବେଳେ ଠାକୁରଙ୍କୁ ଯୋଡହସ୍ତ ହୋଇ କୃତଜ୍ଞତା ଜଣାନ୍ତି । ସ୍ୱାମୀଙ୍କ ସ୍ୱର୍ଗବାସ ତ ନିଶ୍ଚିତ ଭାବରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ । ଯାହା କେହି ବି କେବେ ପୂର୍ଣ୍ଣ କରିପାରିବେ ନାହିଁ । ତାଙ୍କ ସ୍ମୃତିକୁ ଜାବୁଡି ଧରି ଆଗେଇ ଚାଲିଛନ୍ତି ମାଳତୀ ଦେବୀ । ତାଙ୍କର ମନେହୁଏ ଧର୍ମପରାୟଣ ସ୍ୱାମୀଙ୍କର ପୁଣ୍ୟଫଳ ପାଇଁ ବୋଧହୁଏ ଆଜି ତାଙ୍କୁ ଲକ୍ଷ୍ମୀ ପ୍ରତିମାପରି ବୋହୂଟିଏ ମିଳିଛି । ଯାହାର ହାତ ପରଶରେ ଘର ଆଜି ସ୍ୱର୍ଗ ପାଲଟିଯାଇଛି । ବୋହୂ ଲୋପାକୁ ଦେଖିଲେ ତାଙ୍କ ମନ ଭରିଯାଏ । ତା ହାତର ଚୁଡ଼ି ରଣୁଝୁଣୁ ତାଙ୍କୁ ଶୁଭେ କାହ୍ନାର ମୂରଲୀ ସ୍ୱନପରି । କଅଁଳିଆ ମିଠା କଥାରୁ ସତେ ଅବା ଅମୃତ ଝରୁଥାଏ । ତୃତୀୟା ଜହ୍ନପରି ଧାରେ ହସ ସଦାବେଳେ ଓଠରେ ଝୁଲି ରହିଥାଏ ତାର । ଲୋପାର ଉପସ୍ଥିତି ତାଙ୍କୁ ମୁଗ୍ଧକରେ । ଚନ୍ଦ୍ରରେ କଳଙ୍କ ଥାଇପାରେ ହେଲେ ତାଙ୍କ ବୋହୂ ପାଖରେ ଛୋଟ ଖୁଣଟିଏ ବି ପାଇବା କଷ୍ଟକର । ସତରେ ବୋହୂ ରୂପରେ ସେ ତ ଝିଅଟିଏ ପାଇଛନ୍ତି । କେତେଜଣଙ୍କ ଭାଗ୍ୟରେ ଏ ସୌଭାଗ୍ୟ ଜୁଟେ । ଶାଶୁ ବୋହୂଙ୍କ ଭିତରେ ମନୋମାଳିନ୍ୟ ଥିବା ପରିବାର ଦେଖିଲେ ତାଙ୍କୁ ଆଶ୍ଚର୍ଯ୍ୟ ଲାଗେ । ସେ ଗ୍ରହଣ କରିପାରନ୍ତି ନାହିଁ ଏପରି ଅସ୍ୱାଭାବିକତାକୁ । ସତରେ, ଏସବୁ ଦୃଷ୍ଟିରୁ ସେ ଖୁବ୍ ଭାଗ୍ୟବତୀ ।

ଖୁସିବାସିରେ ଦିନ କାଟୁ କାଟୁ କେବେ କେବେ ଅତୀତ ମନରେ ଉଙ୍କିମାରେ । ଲଳିତ ଯେଉଁଦିନ ପ୍ରଥମ କରି ଚାକିରୀରେ ଜଏନ୍ କଲା ସେଦିନ ତା ବାପା କେତେ ଖୁସିରେ ଆସି କହିଥିଲେ - ଜାଣିଲ ମାଳତୀ । ପୁଅ ତ ଚାକିରୀ କଲା । ଏବେ ମୋ କାମ ଶେଷ । ତୁମେ ଏବେ ସୁନାନାକୀ ବୋହୂଟିଏ ଖୋଜ । ହେଲେ ମନେରଖ ବୋହୂଟି ଯେମିତି ରୂପଗୁଣରେ ତୁମପରି ହେଇଥିବ । ସାଦା ପାନଖଣ୍ଡିଏ ସ୍ୱାମୀଙ୍କ ହାତକୁ ବଢ଼େଇ ଦେଇ ମାଳତୀ ଦେବୀ ଦୃଢ଼ କରି କହିଥିଲେ - "ଦେଖିବ ମୋ ଲଳିତ ପାଇଁ କେତେ ଝିଅଙ୍କର ଲାଇନ୍ ଲାଗିବ । ମୋ ଠାରୁ ଶହେ ଗୁଣ ଅଧିକ ରୂପଗୁଣର ହେଇଥିବ ମୋ ବୋହୂ ।" ହେଲେ ବୋହୂ ଦେଖିବାକୁ ସେ ରହିଲେନି ।

ଲୋପାକୁ ବୋହୂ ରୂପରେ ପାଇବା ଏକ ସଂଯୋଗ ନୁହେଁ ତ ଆଉ କ'ଣ ? ସେଦିନ ସେ ତାଙ୍କ ଦୂର ସମ୍ପର୍କୀୟ ପୁତୁରାର ବାହାଘରକୁ ନ ଯାଆନ୍ତି କି ଲୋପା ତାଙ୍କ ଦୃଷ୍ଟିରେ ନ ପଡେ । ଲୋପା ତା ବାପାଙ୍କ ସହ ସେଇ ବାହାଘରକୁ ଆସିଥିଲା । ରଙ୍ଗୀନ୍ ପ୍ରଜାପତି ପରି ବୁଲୁଥିବା ଅନେକ ଝିଅମାନଙ୍କ ଭିତରେ କାହିଁକି କେଜାଣି ସାଧାସିଧା ଡ୍ରେସ୍‌ରେ ଥିବା ଲୋପା ତାଙ୍କୁ ଖୁବ୍ ଆକର୍ଷଣୀୟ ଲାଗିଥିଲା । ସେହିଦିନ ହିଁ ସେହିଠାରେ ସେ ବୁଝିନେଲେ ଲୋପା ବିଷୟରେ ସମସ୍ତ ବିବରଣୀ । ବିଚାରୀ ମା' ଛେଉଣ୍ଡ ପିଲାଟିଏ । ଇଂରାଜୀ ଏମ୍.ଏରେ ଶେଷ ବର୍ଷ । ବାପା ପଦସ୍ଥ ଅଧିକାରୀ । ଏକା ଜାତି । ଆଉ କଣ ଦରକାର ବୋହୂଟିଏ ଚୟନ କରିବାରେ । ଖବର ପଠାଇଲେ ଲୋପାର ବାପାଙ୍କ ପାଖକୁ । ପ୍ରଥମେ ତ ଲୋପାର ବାପା ଆଦୌ ରାଜି ହୋଇ ନ ଥିଲେ, ଗାଁରେ ଝିଅକୁ ବାହା ଦେବାପାଇଁ । ପିଲାଦିନୁ ଝିଅ ସହରରେ ପଢ଼ିଛି ବଢ଼ିଛି । ଚାଲିଚଳଣି ବିଷୟରେ ତାର ସାମାନ୍ୟ ଟିକେ ବି ଧାରଣା ନାହିଁ । ବୋହୂ ହୋଇ କିପରି ତୁଲେଇ ପାରିବ ଏତେ ବଡ଼ ଆଭିଜାତ୍ୟ ସମ୍ପନ୍ନ ଘରର ଦାୟିତ୍ୱକୁ । ତାଙ୍କ ଝିଅ ଏବେ ବି ପ୍ରଜାପତି ପଛରେ ଦଉଡେ । ଫୁଲ ସଙ୍ଗେ କଥା ହୁଏ । ଡବାଖୋଳରେ ଓଦା ବାଲି ପୁରାଇ ମିଛିମିଛିକା କେକ୍ ବନାଏ । ବରଷା ହେଲେ କାଗଜ ଡଙ୍ଗା ଭସାଏ । ବୁଲା କୁକୁର ଛୁଆଙ୍କୁ ଧରି ଆଣି ବାରିପଟେ ସେଡ୍ କରି ରଖେ । ଗେଲବସରିଆ ଝିଅର ବାଲ୍ୟ ଚପଳତା ଏବେ ବି ଯାଇନି । ସବୁଶୁଣି ମାଳତୀ ଦେବୀ ସମୁଦିଙ୍କୁ କଥା ଦେଇଥିଲେ ମୁଁ ଆପଣଙ୍କ ଝିଅକୁ ମୋ ଝିଅ କରି ଘରକୁ ନେଉଛି । ତାର ସମ୍ପୂର୍ଣ୍ଣ ଦାୟିତ୍ୱ ମୋର । ପତ୍ନୀହରା ସମୁଦିଙ୍କୁ ବୋଧେ ମାଳତୀ ଦେବୀଙ୍କ କଥାରେ ବିଶ୍ୱାସ ଆସିଥିଲା । ଛୁଆବେଳରୁ ମା' ସ୍ନେହରୁ ବଞ୍ଚିତ ଝିଅଟି ଯେ ଆଉ ଥରେ ମା ପଣତର ଉଷ୍ମତା ପାଇବ ଏଇ ଭରସାରେ ସେ ପ୍ରସ୍ତାବରେ ରାଜି ହୋଇଗଲେ । ଲୋପାକୁ ପାଖକୁ ଡାକି ମାଳତୀଦେବୀ କଅଁଳେଇ ପଚାରିଥିଲେ - ମା' ତତେ ରୋଷେଇ ଆସେ ।

ଲୋପା ଚଟାପଟ୍ ଉତ୍ତର ଦେଇଥିଲା - ହଁ । ମତେ ତ ମାଗି ଆଉ ଆମ୍‌ଲେଟ୍ ବନେଇ ଆସେ । ବ୍ରେଡ୍ ଟୋଷ୍ଟ ସହ ଚା ବି କରିପାରେ ।

ଝିଅଟିର ସରଳତା ମାଳତୀ ଦେବୀଙ୍କୁ ମୁଗ୍ଧ କରିଥିଲା । ମଥା ଆଉଁସି ହସିଦେଇଥିଲେ ଟିକିଏ । ଲୋପାର ଏକ୍‌ଜାମ୍ ପରେ ବାହାଘର ହୋଇଥିଲା ଖୁବ୍ ଧୁମ୍‌ଧାମ୍‌ରେ । ସେତେବେଳକୁ ଲଳିତର ଗୁଜୁରାଟରେ ପୋଷ୍ଟିଂ । ବାହାଘରର ରୀତିନୀତି ସରିଲା । ପୁଅର ଛୁଟି ବି ସରିଲା । ନିଜ ହାତରେ ବୋହୂର ଆଟାଚି ସଜକଲେ ମାଳତୀ ଦେବୀ । ପୁଅକୁ କହିଲେ ବୋହୂପାଇଁ ଟିକେଟ କର । ତୁ ଗଲେ ସେ ଏଠି ଏକୁଟିଆ କଣ କରିବ । ଲୋପା ଶାଶୁଙ୍କ କଥା ଶୁଣି ଆଖି ଛଳଛଳ କଲା ମା ତୁମେ ବି ଚାଲ । ପଣତ ଧରି ଅଳିକଲା । ମାଳତୀ ଦେବୀ ବୁଝାଇଲେ । ସେ ଗଲେ ଏପଟ କଥା କିଏ ବୁଝିବ । ଜମିବାଡ଼ି, ଘରଦ୍ୱାର କିଏ ରଖାଶୁଣା କରିବ । ଓଡିଶା ଭିତର ହୋଇଥିଲେ ଅବା ସେ ଗାଁ ଛାଡି ଯିବା କଥା ଚିନ୍ତା କରିଥାନ୍ତେ । ମାତ୍ର ଗୁଜୁରାଟ ଯିବା ତାଙ୍କ ପକ୍ଷରେ ଆଦୌ ସମ୍ଭବ ନୁହେଁ । ଲୋପା ବି ନଛୋଡ ବନ୍ଧା । ସେ କେବେ ବି ଶାଶୁଙ୍କୁ ଏକୁଟିଆ ଛାଡ଼ି ଯିବନାହିଁ । ଏପରି ଝିଙ୍କା ଓଟରା ଭିତରେ ଶେଷରେ ଶାଶୁ ହାର ମାନିଲେ । ଲୋପା

ଲଳିତଙ୍କ ସାଙ୍ଗରେ ଗଲାନାହିଁ । ଲୋପା ରହିଲା ଗାଁରେ ଆଉ ଲଳିତଙ୍କୁ ଏକୁଟିଆ ଫେରିବାକୁ ପଡ଼ିଲା କର୍ମକ୍ଷେତ୍ରକୁ ।

ସେହି ପୁରୁଣା କଥା ଭାବିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ ମାଳତୀ ଦେବୀଙ୍କୁ । ଘରକରଣାରେ ଆଦୌ ଅଭିଜ୍ଞତା ନଥିବା ସହରୀ ଝିଅଟି ଯେ ଏତେ ଶୀଘ୍ର ଏକ କୁଶଳୀ ଗୃହିଣୀ ପାଲଟିଯିବ, ତାହାଥିଲା ତାଙ୍କ କଳ୍ପନା ବାହାରେ । ଲୋପା ଯେମିତି ତାଙ୍କ ଘରକୁ ସୌଭାଗ୍ୟ ନେଇ ଆସିଥିଲା । ଦୁଇବର୍ଷ ଭିତରେ ପୁଅର ପ୍ରୋମୋସନ୍ ସହ ଟ୍ରାନ୍ସଫର ହୋଇଥିଲା ଓଡିଶାକୁ । ଅନେକ ଥର ମାଳତୀ ଦେବୀ ଲୋପାକୁ ପୁଅ ପାଖକୁ ପଠେଇବାକୁ ଚେଷ୍ଟା କରିଛନ୍ତି । ମାତ୍ର ସବୁଥର ବୋହୂ ପାଖରେ ହାର ମାନିଛନ୍ତି । ହୁଏତ ତାର ତ୍ୟାଗପାଇଁ ହିଁ ଈଶ୍ୱର ଲଳିତକୁ ଓଡିଶା ପଠେଇଦେଲେ । ଏଇ ଦୁଇବର୍ଷ ମଧ୍ୟରେ ଅଣ୍ଡା ଆମ୍‌ଲେଟ୍, ମାଗି ଜାଣିଥିବା ଝିଅଟି ସରୁଚକୁଳିଠାରୁ ଆରମ୍ଭ କରି ଛୁଞ୍ଚି ପତର ପିଠା, କଲରା ପତର ଚଡଚଡି କରିବାରେ ମଧ୍ୟ ସିଦ୍ଧହସ୍ତ ହୋଇଯାଇଥିଲା । ଈଶ୍ୱରଙ୍କୁ ବେବି ଡଲ୍ କହି ଶ୍ରଦ୍ଧା କରୁଥିବା ଝିଅଟି ସକାଳୁ ଉଠି ସୂର୍ଯ୍ୟଙ୍କୁ ପାଣି ଟେକୁଥିଲା ପରିବାରର ମଙ୍ଗଳ ପାଇଁ । ମାର୍ଗଶିର ମାସ ଶୀତ ଥୁରୁଥୁରୁ ରାତିରେ ଆଙ୍କି ଦେଉଥିଲା ଆଖି ଝଲସିଆ ଝୋଟି । ପୁଣି କାର୍ତ୍ତିକ ମାସରେ ଆକାଶ ଦୀପ ଜାଳି ପଞ୍ଚ ମୁରୁଜରେ ରଙ୍ଗେଇ ଦେଉଥିଲା ଚଉରାମୂଳକୁ । ଏବେ ବି ମାଣବସା ଝୋଟି ଦେଖିଲେ ଗୋଟିଏ କଥା ମନେ ପକେଇ ଖୁବ୍ ହସନ୍ତି । ଲୋପାର ଶାଶୁଘରେ ପ୍ରଥମ ମାଣବସା ଗୁରୁବାର । ତାକୁ ଝୋଟି ପକେଇ ଆସୁନଥିବା ଭାବି ମାଳତୀ ଦେବୀ ଝୋଟି ପକଉଥିଲେ । କେଉଁଠି ଥିଲା ବାଛୁରୀ ପରି ଡେଇଁ ଡେଇଁ ଆସି ତାଙ୍କ ପାଖରେ ମୁହଁମାଡି ବସି ଚିତା ଦେଖିଲା । ତାପରେ ଖଣ୍ଡେ କାଠିରେ ସରୁ କନା ଖଣ୍ଡେ ଗୁଡେଇ କହିଲା ମା – ମୋ ହାତକୁ ପିଠଉ ଗିନାଟା ଦିଅ । ମୁଁ ଝୋଟି ପକେଇବି । ମାଳତୀ ଦେବୀ ବି ଚୁପ୍‌ଚାପ୍ ତା ହାତକୁ ଗିନା ବଢେଇ ଦେଇ ଚାଲିଗଲେ ଅନ୍ୟକିଛି କାମ କରିବାକୁ । ଘଣ୍ଟାଏ ପରେ ଆସି ଦେଖନ୍ତି ତ ବୋହୂ ଆଙ୍କି ଚାଲିଛି ପାହାଡ଼, ଝରଣା, ନଦୀ, ସୂର୍ଯ୍ୟ, ଚଢ଼େଇ ଓ ଆହୁରି କେତେ କଣ । ହସି ହସି ଗଡିଗଲେ ଲୋପାର ଶିଶୁ ସୁଲଭ ଅବୋଧତା ଦେଖି । ହାତ ଧରି ଶିଖେଇ ଦେଇଥିଲେ କେମିତି ଆଙ୍କିବାକୁ ହେବ ଲକ୍ଷ୍ମୀପାଦ, ଷୋହଳ କୋଠି ପଦ୍ମ, ଦଶକୋଠି ପଦ୍ମ ପୁଣି ଅମାର ପାଖରେ ପଡୁଥିବା ଚିତା । ଏବେ ତ ଲୋପା ଝୋଟି ପାଖରେ ମାଳତୀ ଦେବୀଙ୍କର ଝୋଟି ମଳିନ ଦିଶେ । ଲୋପା ପାଖରେ ଫିକା ପଡିଯିବା ତାଙ୍କୁ ଗୌରବାନ୍ୱିତ କରେ । ଆତ୍ମା ତୃପ୍ତ ହୁଏ । ଏଇମିତି ଅନେକ ଛୋଟ ବଡ଼ ଘଟଣା ମାଳତୀ ଦେବୀଙ୍କୁ ମୁଗ୍ଧ କରେ ।

ବାହାଘରର ଦୁଇବର୍ଷ ପରେ ଯେତେବେଳେ ଲଳିତ ଓଡ଼ିଶାରେ ଜଏନ୍ କଲା, ସେବେଠାରୁ ସେ ଗାଁ ଛାଡ଼ି ପୁଅ ପାଖରେ ରହୁଛନ୍ତି । ଲୋପାର ଶ୍ରଦ୍ଧା ପାଖରେ ସେ ହାରିଯାଇଛନ୍ତି । ଏବେ ନାତି ତ ତାଙ୍କର ଜୀବନ ପାଲଟି ଯାଇଛି । ରାତିରେ ତାଙ୍କ ପାଖରୁ ଗପ ନ ଶୁଣିଲେ ଟୋକାକୁ ନିଦ ହୁଏନାହିଁ । ମଝିରେ ମଝିରେ ଶାଶୁବୋହୂ ଗାଁକୁ ଯାଇ ସେଠାକାର କାମ ତଦାରଖ କରିଆସନ୍ତି । ଏତେ ଜମିବାଡ଼ି, ଘରଦ୍ୱାରର ଦାୟିତ୍ୱ ନେବା ବି କିଛି କମ୍ କଥା ନୁହେଁ । ହେଲେ ଲଳିତର ଏ ସବୁରେ ଆଦୌ ଆଗ୍ରହ ନାହିଁ । ତାର ଅଫିସ୍ ଭଲ ତ ସେ ଭଲ । ବାକି ଟାଇମରେ କମ୍ପ୍ୟୁଟର ପାଖରେ ବସି କଣ କରୁଥାଏ ତାକୁ ଜଣା । ଲଳିତ ଘରକଥା କିଛି ବୁଝେନାହିଁ ବୋଲି ମାଳତୀ ଦେବୀ ବ୍ୟସ୍ତ ହୁଅନ୍ତି ନାହିଁ ବରଂ ପୁଅର ଗୋଟିଏ ବଦ୍‌ଗୁଣ ତାଙ୍କୁ ଖୁବ୍ ବ୍ୟଥିତ କରେ । ସେ କଥା କଥାକେ ଲୋପା ଉପରେ ଚିଡିଉଠେ । ତୁମେ କିଛି ଜାଣିନ, ଘରେ ରହି କଣ କରୁଛ, ଅଫିସ୍ ଗଲେ ଜାଣନ୍ତ ଏପରି ଅନେକ କଥା କହି ଲୋପାକୁ ନୀଚା ଦେଖାଏ । ଲୋପା ସିନା ଦେହକୁ ନିଏନି ହେଲେ ଶାଶୁ ମାଳତୀଦେବୀଙ୍କ ଦେହରେ ଏପରି ଅସମ୍ମାନଜନକ କଥା ଛୁଞ୍ଚିପରି ଫୋଡ଼ି ହୋଇଯାଏ । ବୋହୂପ୍ରତି ତାଙ୍କର ଅସରନ୍ତି ଶ୍ରଦ୍ଧା ଓ ଅଜସ୍ର ସମ୍ମାନ । ପୁଅ ନୁହେଁ ବୋହୂମାନେ ହିଁ ସବୁ ପରିବାରର ମେରୁଦଣ୍ଡ । ସେ ଦେଖନ୍ତି ଲୋପା ଦିନସାରା ଲୋଟଣି ପାରା ପରି କାମ କରୁଥାଏ । ଲିଟୁଲ୍‌ର ହୋମ୍ ୱାର୍କ, ସ୍କୁଲ ଯିବା ଆସିବା, ତା ପ୍ରୋଜେକ୍ଟ କରିବାରେ ସାହାଯ୍ୟ କରିବା, ପ୍ୟାରେଣ୍ଟସ୍ ଟିଚର ଆଟେଣ୍ଡ କରିବା ଠାରୁ ତାଙ୍କ ନିଜର ମେଡିକାଲ ଚେକ୍ ଅପ୍ ଯାଏଁ ସବୁ କଥା ଲୋପା ବୁଝେ । ରୋଷେଇ କରିବାଠାରୁ ଘର ସଜେଇବା ଯାଏଁ ସବୁକାମ ସେ ଏକା ଏକା କରେ । ଲଳିତ ତ କେବେ ପରିବା ଦୋକାନର ମାଟି ମାଡେନାହିଁ । ବିଚାରୀ ସବୁକାମ ହସି ହସି କରିଦିଏ ଖୁବ୍ ସହଜରେ । ତେଣୁ ଲୋପାକୁ ଲଳିତ୍‌ର କଟାକ୍ଷ ତାଙ୍କୁ ଆଦୌ ଭଲ ଲାଗେ ନାହିଁ । ସେ ମନରେ ଆଘାତ ପାଆନ୍ତି । ଭାବନ୍ତି ହୁଏତ ତାଙ୍କ ଶିକ୍ଷାରେ କେଉଁଠି ଅଭାବ ରହିଗଲା ବୋଧେ । ପୁଅର ମେଣ୍ଟାଲିଟିକୁ ଚେଞ୍ଜ କରିବା ପାଇଁ ମନେ ମନେ ପ୍ରୟାସ କରନ୍ତି ।

ସବୁଦିନ ପରି ଅଫିସରୁ ଫେରି ଲଳିତ୍ ବ୍ୟାଗ୍‌ଟିକୁ ସୋଫା ଉପରେ ପକେଇ ଜୋତା ଲେସ୍ ଖୋଲୁ ଖୋଲୁ ଲୋପା ଆଡକୁ ଚାହିଁ କହିଲା – କାଲି କାର୍ତ୍ତିକ ପୂର୍ଣ୍ଣମୀ । ବୋଇତ ବନ୍ଦାଣ ଲାଗି ଅଫିସ୍ ଛୁଟି । ମଣିଷ ଟିକେ ରିଲାକ୍ସ କରିବ । ଅଫିସରେ କେତେ ଯେ ୱାର୍କ ଲୋଡ୍ ।

ଚା ନା କଫି – ଲୋପା ପଚାରିଲା ।

ଚା ନୁହେଁ କି କଫି ନୁହେଁ । ବରଂ burnt garlic soup ଟିକେ କରିଆଣ । ତଣ୍ଟି ଗତଗତ ହେଉଛି । ଥଣ୍ଡା ବୋଧେ ଧରିବ କି କଣ ?

ଜୋତା ଖୋଲି ସୁ ଷ୍ଟାଣ୍ଡରେ ଜୋତା ରଖିସାରିଥିଲେ ଲଳିତ୍ । ଲୋପା ବି ଚାଲିଯାଇଥିଲା ସୁପ୍ ବନେଇବା ପାଇଁ । ପରେ ପରେ ମାଳତୀ ଦେବୀ ଆସି ସୋଫାରେ ବସିଲେ । ଲଳିତ ଚାଲିଗଲେ ବାଥରୁମ୍‌କୁ ଫ୍ରେସ୍ ହେବାପାଇଁ । ଲିଟୁଲ୍ ଟେବୁଲ୍ ଟେନିସ୍ ର୍‍ୟାକେଟ୍‌ଟିକୁ ଧରି ବଲ୍‌ଟିକୁ ବାଲାନ୍ସ କରୁଥିଲା । ଗରମ ଗରମ କଟ୍‌ଲେଟ୍ ସହ ବାମ୍ଫ ଉଠା ସୁପ୍ ଧରି ବୋହୂ ଆସିଲା ବେଳକୁ ଲଳିତ୍ ମଧ୍ୟ ଫ୍ରେସ୍ ହୋଇ

ଆସିସାରିଥିଲେ । ପୁଅ ନ ଜାଣିଲା ପରି ବୋହୂକୁ ଆଖି ଠାରି ଦେଇ ମାଳତୀ ଦେବୀ କଥା ଆରମ୍ଭ କଲେ । ମାସସାରା ସେ ହବିଷ କରିଛନ୍ତି । କାଲି ପୂର୍ଣ୍ଣମୀ । ବଡ଼ିଭୋରୁ ବୋଇତ ନ ଭସେଇଲେ କିଛି ପୁଣ୍ୟ ମିଳିବ ନାହିଁ । ତେଣୁ ଲଳିତ ଯେମିତି ହେଉ ତାଙ୍କୁ ବୋଇତ ଭସେଇବା ପାଇଁ ସାଥୀରେ ନେଇଯିବ । ପାହାଡ଼ ଉପରୁ ସତେ କି ଖସି ପଡ଼ିଲେ ଲଳିତ୍ । କାଇଁ ଲୋପା କୁଆଡେ ଯିବ କି ? ସେ ତ ସବୁବର୍ଷ ତୁମକୁ ନେଇ ଡଙ୍ଗା ଭସେଇବାକୁ ଯାଏ ।

ସେ ଭଲଥିଲେ ମୁଁ କଣ ତତେ କହିଥାନ୍ତି । ବାଥ୍‌ରୁମ୍‌ରେ ଖସି ଗୋଡ ମକଚି ହୋଇଯାଇଛି । ଆଣ୍ଠୁରେ ମାଡ ବାଜିଛି । ମୁଭ୍ ମାଲିସ କରିନି କ୍ୟାପ ପିନ୍ଧିଲାରୁ ଟିକେ ଉଠିଛି । ସେ ଏ ଅବସ୍ଥାରେ ମତେ କେମିତି ନେଇକି ଯିବ । ଦେଖୁନୁ କେମିତି କଷ୍ଟରେ ଛୋଟେଇ ଛୋଟେଇ ଚାଲୁଛି ।

ମାଳତୀ ଦେବୀଙ୍କ କଥାରେ ସତେ କି ତାଙ୍କର ସ୍ୱପ୍ନଭଙ୍ଗ ହେଲା । ଗୋଟିଏ ମଜାଦାର ଛୁଟିର ବିନାଶ ଦୁଃଖରେ ମୁହଁ ଦିଶୁଥିଲା କାନ୍ଦୁରା କାନ୍ଦୁରା । ବିରକ୍ତି ପ୍ରକାଶ କରି ଲୋପାକୁ ଚାହିଁ କହିଲେ – ଜାଣେ ପରା ତୁମ ଦ୍ୱାରା କିଛି କାମ ହେବନି । ସବୁବେଳେ ତରତର । ଶ୍ୟେଃ ।" ସତେକି ମୁହଁରେ ତାଙ୍କର କିଏ ମୁଠିଏ ଅବିର ବୋଳିଦେଇଛି । ରାଗରେ ମୁହଁ ଦିଶୁଥିଲା ଲାଲ୍ । ହେଲେ ମା'ଙ୍କୁ କେବେ ଲଳିତ୍ କିଛି କହିପାରନ୍ତି ନାହିଁ । ସୁନା ପିଲା ପରି ରାଜି ହୋଇଗଲେ, ସକାଳୁ ଡଙ୍ଗା ଭସେଇବା ପାଇଁ ନେଇଯିବାକୁ । ଡଙ୍ଗା ରେଡି କରି ରଖିବାକୁ କହିଲେ । ଆରେ ଡଙ୍ଗା ରେଡି କରି ରଖିବି କ'ଣ ? ମୋ ପାଖରେ କଣ ଡଙ୍ଗା ଅଛି । ମାଳତୀ ଦେବୀ କହିଲେ ।

ହଉ ତାହେଲେ ଯାଉଛି ଡଙ୍ଗା କିଣି ଆଣିବି କହି ମାର୍କେଟ୍ ଯିବାକୁ ଲଳିତ ଉଦ୍ୟତ ହୁଅନ୍ତେ ମାଳତୀ ଦେବୀ କହିଲେ – ମୁଁ କଣ କିଣା ଡଙ୍ଗା ଭସାଏ । କଦଳୀ ପାଟୁକା ଡଙ୍ଗାରେ ସିନା ପୁଣ୍ୟ । ଯା ବାଡିରୁ କଦଳୀ ପାଟୁକା ଦିଖଣ୍ଡ ନେଇ ଆସିବୁ । ଲେଙ୍କୁ ଥିଲେ ନେଇଆସିଥାନ୍ତା । ହେଲେ ସେ ଦୁଇଦିନ ପାଇଁ ଗାଁକୁ ଛୁଟିରେ ଯାଇଛି ।

ସେତେବେଳକୁ ଲୋପା ଛୋଟେଇ ଛୋଟେଇ କଟୁରୀଟିଏ ଧରେଇ ସାରିଥିଲା ଲଳିତଙ୍କ ହାତରେ । ପୁଅର ବିକଳିଆ ଅବସ୍ଥା ଦେଖି ମାଳତୀ ଦେବୀ ହସୁଥିଲେ ମନେ ମନେ । ଦୀର୍ଘ ପଇଁଚାଳିଶ ମିନିଟ୍ ପରେ ଦୁଇଖଣ୍ଡ କଦଳୀ ପାଟୁକା ଧରି ଝାଳ ସରସର ହୋଇ ଫେରିଥିଲେ ଲଳିତ୍ । କଦଳୀ କସରେ ପିନ୍ଧିଥିବା ସୁଟ୍‌ଟିର ବାର୍ ବାଜଯାଇଥିଲା । ଯାହାହେଉ ସେଦିନର କଥା ସରିଲା ।

ପରଦିନ ରାତି ଚାରିଟାରୁ ଗାଧୋଇ ଥଙ୍ଗମଙ୍ଗ ହୋଇ ମା'ଙ୍କୁ ଧରି ଲଳିତ୍ ବାହାରିଲେ ବୋଇତ ଭସେଇବାକୁ । ସେ ଏରିଆରେ ଗୋଟିଏ ମାତ୍ର ପୋଖରୀ ଯେଉଁଠି ଡଙ୍ଗା ଭସାଯାଏ । ଏଣୁ ପ୍ରବଳ ଭିଡ଼ । ପ୍ରାୟ ୧୫୦ ମିଟର ଦୂରରେ ଗାଡି ପାର୍କିଂ କରି ସେତିକି ବାଟ ଚାଲିବାକୁ ହୁଏ । ଗୋଟିଏ ହାତରେ ମା'ଙ୍କୁ ଧରି ଆର ହାତରେ କଦଳୀ ପାଟୁକାର ଡଙ୍ଗା ସମ୍ଭାଳି ଖୁବ୍ ସତର୍କତାର ସହ ଆଗେଇଲେ ପୋଖରୀ ଆଡକୁ । ଏଣେ ମାଳତୀ ଦେବୀଙ୍କର ନୂଆ ଲୁଗା କାନି ଖସି ତଳେ ଘୁଷୁରୁଥାଏ । ମାଡି ହୋଇଗଲେ ମା ପଡିଯିବେ । ଓହୋ କଣ ଯେ ସେ କରିବେ । ଭଲା ଅଡୁଆରେ ପଡିଲା ମଣିଷ । ଯାହାହେଉ ବହୁ କଷ୍ଟରେ ଦୁଇଜଣଯାକ ଗହଳି ଏଡାଇ ପହଞ୍ଚିଲେ ତୁଠ ପାଖରେ । ଧାଡି ଧାଡି ହୋଇ ଲୋକ ଠିଆ ହୋଇଛନ୍ତି ଡଙ୍ଗା ଭସେଇବା ପାଇଁ । ମାଳତୀ ଦେବୀ ଡଙ୍ଗା ଭସେଇବା ବେଳକୁ ପୁଅକୁ ଦଶଟଙ୍କିଆ କଏନ୍‌ଟେ ମାଗିଲେ ଡଙ୍ଗାରେ ରଖିବାକୁ । ପକେଟରେ ହାତ ପୁରାଇ ଖଡ୍‌ଖଡ୍ ଦଶଟଙ୍କିଆ ନୋଟ୍‌ଟେ କାଢ଼ି ମା'ଙ୍କ ହାତକୁ ବଢ଼େଇ ଦେଲେ ସେ । ମାଳତୀ ଦେବୀ କହିଲେ – ବାଇଆଟା କିରେ । ନୋଟ୍ କିଏ ଭସାଏ । କଏନ୍ ଦେ । ପର୍ସ ଅଣ୍ଡାଳି ଲଳିତଙ୍କ ମୁହଁ ଆମ୍ବିଳା ହୋଇଗଲା । ପର୍ସରେ ଖାଲି ନୋଟ୍ । କଏନ୍ ଗୋଟେ ବି ନାହିଁ । କଣ କରିବେ । ଅଗତ୍ୟା ଭୋଗ ଦୋକାନ ପାଖକୁ ଧାଇଁଲେ ଟଙ୍କା ଭଙ୍ଗାଇବା ପାଇଁ । ସେତିକି ବାଟ ଯାଇ ଆସିଲାବେଳକୁ ଲାଗିଗଲାଣି ପ୍ରାୟ ଅଧଘଣ୍ଟାଏ । ଯାହାହେଉ କଏନ ପାଇ ମାଳତୀ ଦେବୀ ଆ-କା-ମା ବୈ କହି ଡଙ୍ଗା ଭସେଇଲେ ଭକ୍ତିରେ । ବୋଇତ ଭସା ପର୍ବ ସରିଲା । ମନ୍ଦିର ଯାଇ ଦିଅଁଦର୍ଶନ ଭୋଗରାଗ କରି ଫେରିଲାବେଳକୁ ସୂର୍ଯ୍ୟ ଉଇଁଲେଣି ପୂର୍ବ ଆକାଶରେ । ବାଲ୍‌କୋନୀରେ ଠିଆ ହୋଇଥିଲା ଲୋପା । ମନରେ ଖୁବ୍ ଉତ୍ସାହ । ଗାଡିରୁ ଓହ୍ଲେଇଲା ବେଳକୁ ଲୋପା ଦେଖୁଥିଲା ଶାଶୁଙ୍କ ଓଠରେ ମଲ୍ଲୀଫୁଲିଆ ହସ ଆଞ୍ଜୁଳାଏ ଏବଂ ଲଳିତଙ୍କ କ୍ଲାନ୍ତ ମୁହଁରେ ଗଡ ଜୟ କରିବାର ଆତ୍ମ ସନ୍ତୋଷ । ଘରେ ପହଞ୍ଚି ଥକ୍କା ହୋଇ ବସି ପଡ଼ିଲେ ଲଳିତ୍ । ପାଣି ଗିଲାସେ ଉଦରସ୍ଥ କରୁ କରୁ ସ୍ୱତଃ ପାଟିରୁ ବାହାରି ପଡ଼ିଲା ତାଙ୍କର – କେମିତି ଏତେ କାମ ତୁମେ କରିପାର ଯେ ଲୋପା । ମୋର ତ ଅବସ୍ଥା ଆଜି ବାର ବାଜିଗଲା । ସତରେ ତୁମକୁ ମାନିବାକୁ ପଡିବ । ହୋମ୍ ମେକିଙ୍ଗ୍ ଇଜ୍ ଦ ମୋଷ୍ଟ ଡିଫିକଲ୍ଟ ୱର୍କ ।

ହାତରେ ଚାନ୍ଦ ପାଇଗଲେ କି ଆଉ । ମାଳତୀ ଦେବୀଙ୍କ ମୁହଁରେ ପ୍ରସନ୍ନତାର ଝଲକ । ଧୀରେ ଉଠିଯାଇ ଲୋପାକୁ କହିଲେ – କେମିତି ଲାଗିଲା ମୋ ପ୍ଲାନ୍ । ପୁଅ ପାଟିରୁ ଶେଷକୁ ସତ ବାହାର କଲି କି ନାହିଁ ।

ଲୋପା ମୁରୁକି ହସି କହିଲା – ଆଉ ମୋ ଆକ୍ଟିଂ ?

ପୁରା ପରଫେକ୍ଟ କହି ମାଳତୀ ଦେବୀ ଲୋପାର ହାତ ଧରି ଭିତରକୁ ନେଇଗଲେ । ହାତରେ ପ୍ରସାଦ ଦେଇ କହିଲେ ଜଲଦି ଆଣ୍ଠୁରୁ ନି କ୍ୟାପ୍ ଖୋଲି ଦେ । ଦୁଇଜଣଙ୍କ ଓଠରେ ଝୁଲି ରହିଥିଲା ଦୁଇଧାର ହସ । ବିନା ଅର୍ଘ୍ୟଥାଳୀରେ ବୋଇତ ବନ୍ଦାଣ ଦିନ ଲୋପା ମାଧ୍ୟମରେ ତା'ପରି ଅସଂଖ୍ୟ ନାରୀଚରିତ୍ରମାନେ ଯେମିତି ବନ୍ଦିତ ହୋଇଗଲେ ।

**ମମତା ଆଚାର୍ଯ୍ୟ**
ଦାମନଯୋଡ଼ି



# ମୁକ୍ତ ଆକାଶର ବିହଙ୍ଗ ଆମେ

## (ଶିଶୁ ଦିବସ ଉପଲକ୍ଷେ)

ଶୁଭ୍ର ଆକାଶର ମୁକ୍ତ ବିହଙ୍ଗ ଆମେ
ମହାସାଗରର ତୁଙ୍ଗ ତରଙ୍ଗ ଆମେ
ସ୍ୱଚ୍ଛ ହିମାଳୟ ଉନ୍ନତ ଶୃଙ୍ଗ ଆମେ
ମହାସାଗରର ତୁଙ୍ଗ ତରଙ୍ଗ ଆମେ
ମୁକ୍ତ ବିହଙ୍ଗ ଆମେ
ତୁଙ୍ଗ ତରଙ୍ଗ ଆମେ
ଆମ ହାତେ ରହିଛି
ଦେଶ ଓ ଜାତିର ପ୍ରଗତି
ଆମ ସାଥେ ରହିଛି
ସମାଜର ଉନ୍ନତି
ଆମ ସାଥେ ରହିଛି ଉଜ୍ଜ୍ୱଳ ଭବିଷ୍ୟତର ସୁଗତି

ଦେଶ ସେବାରେ, ଜନ ଉପକାରେ
ନିୟୋଜିତ ହେବାରେ
ବୀର ଗତିରେ ଅଗ୍ରସର ହେବାରେ
ବୀର ସୈନିକ ଶକ୍ତ ଅଙ୍ଗ ଆମେ
ମୁକ୍ତ ବିହଙ୍ଗ ଆମେ
ତୁଙ୍ଗ ତରଙ୍ଗ ଆମେ

ହସି ଉଠୁ ହରଷେ
ବଢ଼ି ଉଠୁ ସ୍ନେହର ପରଷେ
ଭରିଦେଉ ସବୁରି ମନରେ
ସୂର୍ଯ୍ୟୋଦୟର ଗରିମା
ଦୂର ହେଉ ସବୁରି ମନରୁ
ଗହନ ଅନ୍ଧାରର କାଳିମା

ମୁକ୍ତ ବିହଙ୍ଗ ଆମେ
ତୁଙ୍ଗ ତରଙ୍ଗ ଆମେ
ଜୀବନ ବୀଣାରେ, ହରଷ ମନରେ
ସଜାଇବା ରାଗ ରଙ୍ଗ ଆମେ
ମୁକ୍ତ ବିହଙ୍ଗ ଆମେ
ତୁଙ୍ଗ ତରଙ୍ଗ ଆମେ
ଏଇ ଆମ ପିଲାଦିନ ଆସେନି ଫେରି
ସେଇ ପିଲାଦିନ ସ୍ମୃତିରେ
ଭରିଯାଉ ହୃଦୟେ ରାଗର ସୁରଭି
ପୁଲକିତ ମନ କୁସୁମିତ ମନ
ଫୁଲର ବାସରେ

ସନ୍ତାନ ସରବେ ଅନ୍ତରଙ୍ଗ ଆମେ
ମୁକ୍ତ ବିହଙ୍ଗ ଆମେ
ତୁଙ୍ଗ ତରଙ୍ଗ ଆମେ

**ଶିଖା ନାୟକ**
ଅନୁଗୁଳ



# FEMALE FOETICIDE



This snuggly bed
Which has been my home for
Last six and a half months,
All those folates I've been taking,
All those exercises you've been doing,
Momma
To make me sprout healthy
all those physical and mental torments
you've been taking, since so long,
all those emotional breakdowns
you've been suffering,
all those little chores that
Paa has been doing for us,
all those pre partum depressions
you've been going through,
all those pain in the back
for taking my load,
all that little lullabies
you've been singing to me and
all those slow dances on your
unusually heavy feet,
Oh Momma ! I can't thank you enough !
My lovely tiny hands reach for
the uterine walls to hug you.
Momma, I want to tell you
I'm sorry.
Sorry for being restless and
causing your ligaments ache
Sorry for being a little
unexpectedly hungry all the time.
Sorry for every pain because of me
But Mamma don't kill me.
I heard you crying last night
Momma
I Promise I Won't be a mess,
I promise I Won't muddle your life,
I Promise I won't ask for pretty
frocks and skirts and I won't
ask for overly luscious snacks.
I won't ask for new books, Momma
I will borrow them from brother,
I am sure he loves me enough
to lend me them.
Don't kill me, Momma I promise
I Won't marry, I promise I won't have a lover.
I won't let even a little drop
of opprobrium on us due to
my existence, I promise
A last favour before I unite with this World,
please don't abort me,
Momma ! Please don't.

**Simran Sahoo**
D/o - Kalpana Sahoo
Angul



# The Wonder Plant
# CISSUS QUADRANGULARIS



## Our Life

In today's life, Genetics, over eating, physical inactivity, psychological factors contribute to obesity, resulting in various diseases. One of them is knee pain, a common complaint that affects people of all ages. It may be the result of medical conditions including arthritis, infections on result of an injury such as ruptured ligament etc. Modern medicine advises surgery, pain killers, steroids, calcium supplements and so on. But nature has given us a wonder plant to get relief from these.

## Nature's Gift

There is a remedy offered by nature and the wonder plant's biological name is Cissus quadranagularis. It is commonly called as Hadjod, Hadjora in Hindi; Vajrangi, Asthisamharaka in Sanskrit; Perandi in Tamil and Malayalam and Nalleru in Telugu. Also called as Devil's backbone and Adamant creeper, this plant is a very good medicinal plant.

The stem of this plant resembles the shape of bones and joints of the human body. The plant extract serves as a rich source of calcium ions and is known to accelerate the healing of fracture and increases the bone strength. Its rich content of phosphorous and phytoestrogen steroids have specific effect on bone fracture healing.

It is also effective in treating gastric disorders, gastric ulcers, bowel infection, piles, menstrual cramps and backache and hip pain during menstrual periods.

It is an edible plant. Its stem and roots too are useful for medicinal purposes. Stems are made into curries and chutneys.

Within Siddha medicine, it is viewed as a natural pain killer and tonic and in Ayurveda it is used to heal injured tendons and ligaments.

Its essence is slightly pungent and hence if it gets in contact with one's skin then one will have itchy sensation. One can get rid of this by applying oil on hands while handling the stems and roots.

Because of its itchy nature many people hesitate to use this plant. Despite all these a trouble free life and good health can be achieved by this wonder plant.

## How to use this ?

We can use it along with our normal diet may be once in a week in the form of Chutney or as a preparation. Recipe for chutney using the wonder plant can be as under:

Take a handful of Stems of the plant, wash them, remove the strings (as you do in beans) and cut into small pieces.

You should greese your palms with oil before handling the stem to avoid itching sensation.

Ingredients:

- Ginger- 1" piece (cut into small pieces)
- Curry leaves a few, asafoetida-1/4 tsp, Mustard-1/2tsp, Urad dal-2tsp.
- Dry red chillies-3
- Oil-1tsp, tamarind-a small marble size and salt

Heat a pan. Add the oil, add mustard. When it splutters add hing, urad dal and roast till it turns golden colour. Add dry chillies and roast a little. Add the stems of the plant, roast till it changes its colour. Add the ginger pieces, curry leaves and roast a little. Add tamarind and switch off the flame. Cool it and grind into a coarse paste adding salt.

## How can we have this in our kitchen garden ?

Very simple! You can grow them in small pots - by planting the stems in a pot of soil.

***Gaythri Balasubramanyam***
***Bhubaneswar***

# उलझन

कौन कहता है डर लगता है यहाँ, मोहब्बत से मुझे;
पत्थर की दुनिया में रहते, सख्त मिज़ाज यार यहाँ।

काँच का घर मेरा टूट ना जाए, पत्थर की इस राह में;
जख्म देने वाले देते ज़रूर, कौन परवाह किसकी करे।

सिल सिलबट्टा उड़े आसमाँ में, कौन पूछे रूई सिमल को;
आए हो आप भरी जवानी में, सुकून की नींद देने चले।

मोम की तरह पिघलती हूँ मैं, कौन पराये कौन अपने हैं;
वक्त से पहले बेबस हूँ मैं, पत्थर की दुनिया में।

हाथ मलना, हाथ मिलाना, हाथ बाँटना सब देखा है;
नज़र झुकाना, नज़र चुराना, नज़रें मिलाना रूह के साथ।

असली शादी जल्दी करना, लाई की चादर फैलाकर;
उस पर दो चार कौड़ी होगी, राम नाम सत्य की धुन होगी।

**श्रीमती भारती नायक**
केन्द्रीय विद्यालय क्र.-३, भुवनेश्वर

# नया साल आया

आया, आया नया साल है आया
बहुत सारी खुशियाँ, शायद थोड़े गम लाया
गुजरे साल का हर पल था प्यारा
खुशी हो या गम, वो याद आते हैं हरदम।

बीता हुआ साल कल था
आने वाला साल भी कल है
फिर क्यों जियें आज हम मुश्किल में
जियें खुशी से आज हम पल-पल में।

नन्ही कली फूल की
खिलकर कहाँ चढ़ेगी या मिटेगी।
फूल तो फूल है, क्या खिलने से कभी डरेगी
स्वागत करें हम नये साल के पल-पल का।

आने वाला साल नया है, पर डगर है पुरानी
दु:ख-सुख में झूमे और गायें
डर हमें अब किस बात का
आया, आया नया साल है आया।

**संगीता अग्रवाला**
अनुगुल

# या तो मुझको हँसा दो....

मेरे मन का मालिन्य मिटा दो।
मुझको अपने हाथों से सजा दो।
तुम छू लो तो पावन हो जाऊँ।
मैं शुष्क हृदय सावन हो जाऊँ।

या तो मेरा अभिमान मिटादो।
या श्रद्धा से फुला दो।
या तो मुझको हँसा दो,
या फिर मुझको रूला दो।

है कौन जो तुम चाहो तो,
सकल गुण सागर न हो।
कौन उसे नीचा करे,
हे देव! जिसे उत्तम कहो।

या तो माथे पर तिलक करो,
या दाग दिल के धूला दो।
या तो मुझको हँसा दो,
या फिर मुझको रूला दो।

तम हो भीतर तो, अंतरतम!
सौ सूर्य, मग जगमग करो।
करुणाकर! अब करुणा कर,
मन में सत्त्व-प्रकाश भरो।

या तो जगत मे जगा दो,
या बाहों में सुला दो।
या तो मुझको हँसा दो,
या फिर मुझको रूला दो।

मेरे होठों पर नाम हो,
या आप हृदय में बसो।
मुझको अपना दास, प्रभो!
कह दो, सदा-सदा रहो।

या तो मुझको याद रहो।
या दुनिया को भुला दो।
या तो मुझको हँसा दो,
या फिर मुझको रुला दो।

**राज कुमार जायसवाल**
प्राथमिक शिक्षक, केंन्द्रीय
विद्यालय, क्र-३, भुवनेश्वर

# ପ୍ରତିଶ୍ରୁତି : ଏକ ନୂଆ ସକାଳର...

ଅଚିହ୍ନା ଅନେକ ପଦଚିହ୍ନ
ସମୁଦ୍ରର ବେଳା ଭୂମିରେ...
ଅସ୍ତମିତ ସୂର୍ଯ୍ୟର ଲାଲିମା ଛିଟା
ଆକାଶର ବିଶାଳ ବକ୍ଷରେ...
ଘରବାହୁଡ଼ା ଧୀବରର ମନଛୁଆଁ ସଂଗୀତରେ...
ନୀଡ଼ଫେରା ବିହଙ୍ଗମର ସମାଗମ...
ନିଶ୍ଚିତ ଏକ ଆକୃତିରେ...
ଦେଇଯାଏ ଆହ୍ୱାନ ପୁଣି ଏକ ନୂଆ ସକାଳର...
ଦେଇଯାଏ ପୁଣି କେତେ ସ୍ୱପ୍ନ ସାତରଙ୍ଗର..
ଏଇ ସ୍ୱାର୍ଥାନ୍ୱେଷୀ ମଣିଷ ଆଖିରେ...
ଜୀଇଁଛି ଓ ସେ କେବଳ ଏଠି ସ୍ୱପ୍ନଦେଖି...
ଇପସିତ ଆକାଂକ୍ଷାର ପ୍ରାସାଦକୁ...
କଳେ ବଳେ କୌଶଳେ ବ୍ୟସ୍ତ ସେ ସାକାର କରିବାରେ...
ଅବୁଝା ଆଜି ସଫଳ ଜୀବନର ପରିଭାଷା...
ଦୃଶ୍ୟ ହିଁ ନାହିଁ .... କେଉଁଠି ସେ ସୀମାରେଖା ଶେଷ...
ବିଶାଳତା ସତ୍ତ୍ୱେ କୂଳ ଲଂଘେ ନାହିଁ ସାଗର..
ବାରି ହୁଏ ସୀମାରେଖା ତା'ର ଦୂର ଦିଗ୍‌ବଳୟେ...
'ସୁନାମୀ' ବୋଲାଏ ଯଦି ସେ କେବେ ଲଙ୍ଘିଲା କୂଳ...
ଆକଟି ରଖେ ପ୍ରକୃତି ପୁଣି ତାକୁ.. କରି ପରିବେଶ ଅନୁକୂଳ
ତଥାପି କାହିଁ ଶିଖିଛି... ଏଇ ବସ୍ତୁବାଦୀ ମାନବ.... ?
ସମୁଦ୍ରଠାରୁ ବିଶାଳ... ତା'ର ଲୋଭର ସାଗର..
ଦେଖାଯାଏ ନାହିଁ ତା'ର କୂଳ ଅବା ଦିଗ୍‌ବଳୟର ଗାର...
ଅକ୍ତିଆର କରି ଚାଲିଛି ସ୍ଥଳ ଆଉ ବକ୍ଷଜଳର
ଅନ୍ଧର ପୁତୁଳି ସେ ବାନ୍ଧିଛି ଚକ୍ଷୁରେ...
ଶାନ୍ତ....ଉଦାର.... ସମୁଦ୍ର ଯେ ସ୍ଥିତପ୍ରଜ୍ଞ ନୁହେଁ...
ସର୍ବଂସହା ଧରିତ୍ରୀ ଯେ ସଦା ନିର୍ବିକାର ନୁହେଁ...
ଆଜି ନତୁବା କାଲି ଥାପିବା ଲାଗି..
ଚିହ୍ନା ଅଚିହ୍ନା ପଦଚିହ୍ନ ସମୁଦ୍ର ବେଳାରେ....
ଦେଇ ନ ପାରେ ସୁବର୍ଣ୍ଣର ସୁଯୋଗ...
ଗୁରୁ ଗମ୍ଭୀର ନାଦରେ ଲଂଘିଯିବ ସେ କୂଳ...
କ୍ରମାଗତ ଚୋଟରେ ଧରାପ୍ଲୁତ ହେବ ଆଗ୍ନେୟଗିରି...
କରିବ ସେ ବିପ୍ଳାତ...
ନିଶ୍ଚିହ୍ନ କରିବ ସେ ସ୍ରଷ୍ଟାଙ୍କର ଏଇ ସୁନ୍ଦର ସୃଷ୍ଟି...
ଶତପୁତ୍ର ଜନ୍ମିଲେ କି ହେବ..
ପିତା ଯଦି ଅନ୍ଧ ମାତା ବାନ୍ଧେ ଅନ୍ଧପୁଟୁଳୀ.... ? ?
ଏବେ ବି ସମୟ ଦେଇଛି ପ୍ରକୃତି....
ଖୋଲିଦିଅ ତୁମ ଆଖିର ଅନ୍ଧପୁଟୁଳୀ..
ହେ ମାନବ ! ! !
ତୁମେ ନୁହଁ ଧୃତରାଷ୍ଟ୍ର ଅବା ଗାନ୍ଧାରୀ...
ଏ ଗୁରୁଦାୟିତ୍ୱ ଯେ ତୁମର..
ତୁମେ ହିଁ ମାତା-ପିତା ଏଇ ପ୍ରକୃତି ରାଣୀର
କରିବାକୁ ହେବ ଲାଳନପାଳନ ସନ୍ତାନ ସମତାହାର
ପୁଣିଥରେ ଦେଖାଯିବ ସେଇ..
ଷଡ଼ଋତୁର ପଦଚିହ୍ନ....
ପୁଣିଥରେ ଦେଖିବ ପଦଚିହ୍ନ ସାଗର ସୈକତରେ..
ପୁଣିଥରେ ପାଦଧୋଇ ହେବ ପ୍ରକୃତିରାଣୀର...
ସାଗରର ଶାନ୍ତସ୍ନିଗ୍ଧ ଉର୍ମିମାଳାରେ...
କୋଳାଗ୍ରତ ହେବେ ପରସ୍ପର..
ତେବେ ଯାଇ ଆସିବ ପୁଣି ଏକ ନୂଆ ସକାଳ... ନୂଆ ବର୍ଷ....

**ଗାୟତ୍ରୀ ପାଣିଗ୍ରାହୀ**
ଦାମନଯୋଡ଼ି






# क्रिसमस

क्रिसमस ईसाइयों का प्रमुख त्योहार है। ईसाई समुदाय के लिए इस त्योहार का वही महत्त्व है जो हिंदुओं के लिए दशहरा तथा दीपावली का है। यह त्योहार विश्वभर में फैले ईसा मसीह के करोड़ों अनुयायियों के लिए पवित्रता का संदेश लाता है तथा उनके बताए हुए मार्गों व उच्च आदर्शों पर चलने हेतु प्रेरित करता है।

क्रिसमस का त्योहार प्रतिवर्ष अंग्रेजी महीने के अनुसार दिसंबर की २५ तारीख को मनाया जाता है क्योंकि प्रभु ईसा मसीह का जन्म इसी शुभ तिथि में हुआ था। ईसा मसीह ऊँच-नीच के भेदभाव को नहीं मानते थे। अत: क्रिसमस का पावन पर्व भी किसी एक का नहीं अपितु उन सभी का है जो उनके समर्थक हैं तथा उन पर आस्था रखते हैं।

इस त्योहार के कई दिनों पूर्व ही लोगों में उत्साह और उल्लास की झलक देखने को मिल जाती है। इस पावन दिन के अवसर पर सभी अपने घरों को तरह-तरह के रंग-विरंगे के पुष्पों झालरों व तस्वीरों से सजाते हैं। बाजार व दुकानों में चहल-पहल देखते ही बनती है।

इस त्योहार पर क्रिसमस-ट्री सजाने का विशेष महत्त्व है। यूरोपीय देशों में तो इसकी सजावट व भव्यता देखते ही बनती है। भारत में भी इसके महत्त्व को अब विस्तृत रूप से देखा जा सकता है। परिवार के सभी सदस्य इस दिन क्रिसमस - ट्री के चारों और एकत्रित होते हैं। सभी मिलकर प्रभु ईसा मसीह का स्तुतिगान तथा प्रार्थना करते हैं।

इस अवसर पर ईसाई अपने घरों को बहुत ही आकर्षक ढंग से सजाते हैं और विभिन्न प्रकार के पकवान बनाकर पड़ोसियों को भेंट करते हैं तथा खुद भी खाते हैं। बच्चों के लिए शांताक्लाज कोई न कोई उपहार अवश्य लाता है क्योंकि ईसा मसीह स्वयं बच्चों से बहुत स्नेह रखते थे।

अब तो भारत में क्रिसमस के त्योहार का आनंद सभी समुदायों के लोग उठाने लगे हैं जिससे सामाजिक सद्भाव की अभिवृद्धि होती है। सभी समुदायों के लोग एक-दूसरे को क्रिसमस की शुभकामनाएँ देते हैं।

ईसा मसीह को परमेश्वर का दूत माना जाता है। वें संसार के दीन-दुखियों का दु:ख दूर करने तथा ईश्वर के वास्तविक स्वरूप को दूसरों के समक्ष प्रकट करने हेतु अवतरित हुए थे। प्रारंभ में उन्हें अनेक कठिनाइयाँ आई परंतु बाद में धीरे-धीरे उनके अनुयायियों की संख्या बढ़ने लगी। उन्होंने अपने उपदेशों के माध्यम से संसार में व्याप्त अंधविश्वास, अज्ञानता, दुख आदि को दूर करने का प्रयास किया।

लोग उन्हें मुक्ति प्रदान करने वाले के रूप में जानने लगे। उनकी बढ़ती हुई ख्याति व समर्थन ने तत्कालीन यहूदी शासकों को चिंतित करना प्रारंभ किया। अपनी अज्ञानता के कारण उन्हें लगा कि ईसा मसीह लोगों को गलत उपदेश देकर भड़का रहे हैं।

फलस्वरूप वे ईसा मसीह के खिलाफ हो गए। अंतत: उन्हें धर्म की मर्यादा का उल्लंघन तथा जनता को गुमराह करने का आरोप लगाकर कठोर यातना देते हुए अनके शरीर पर किलें ठोंक कर तख़ते पर लटका दिया गया। ईसाइयों का विश्वास है कि प्रभु ईसा मसीह अपने कथनानुसार तीसरे दिन पुन: जीवित हो गए थे। उनमें मानवता के कल्याण की भावना निहित थी।

प्रभु ईसा मसीह ने सादा जीवन व्यतीत करते हुए भी जो उच्च आदर्श इस संसार के सम्मुख रखे हैं वे आज भी अनुकरणीय हैं तथा चिरकाल तक अनुकरणीय रहेंगे। ईसा मसीह ने अपना सर्वस्व परमेश्वर के लिए समर्पित कर दिया था। संसार में व्याप्त दुख, विषमताओं तथा अज्ञानता को दूर करने के लिए वे सदैव प्रयासरत रहे।

यह त्योहार सभी के ह्रदय में सद्भाव, प्यार और उल्लास पैदा करता है। और हमें प्रेरित करता है कि अनेक कठिनाइयों का सामना करने पर भी हमें सन्मार्ग का त्याग नहीं करना चाहिए तथा दूसरों को भी पवित्रता का मार्ग प्रशस्त करने के लिए यथासंभव सहयोग करना चाहिए।

**सीमा सिंह**
अनुगूल

# "New Year New Pledge"

I wish to continue the same lifestyle,
I have been following in the year 2018.

**Gayatri Balasubramanyam**

Accomplish the incomplete,
sack all stress and be happy.

**Poonam Thakur**

तेरा साथ यूँ ही बनी रहे 'संगिनी'
ज़िन्दगी का हर लम्हा हो जाए रंगीन

**मानसी सामल**

In any relationship most love is lost between what is said and not meant and what is meant and not said. This new year let us promise to love and to forgive.

**Sasmita Patra**

This year I pledge to take out some time from my daily household chores and engage myself in doing things that makes me happy and keeps me fit.

**Bidyut Lata Patra**

This new year in 2019 I pray to God that he will shower more blessings on me and my dear ones

**Aditi Singh**

I will spend less time on social media (such as Facebook, Instagram, Twitter etc.)

**Itishree Rath**

नववर्ष के शुभारंभ पर आइए, हम सब मिलकर प्रदूषण की रोकथाम के लिए शपथ ले।

**नूपुर आनंद**

Let's share our smiles !!!

**Sabita Patnaik**

# ନାଲ୍‌କୋର ଅଲିଅଳି ଝିଅ ଅନିତା



ଏହିଥରର ସାକ୍ଷାତ୍‌କାରରେ ଆମେ ଭେଟିଥିଲୁ ନାଲ୍‌କୋର ଲାଡ୍‌ଲି ଝିଅ ଅନିତା ବେହେରାଙ୍କୁ। ତାଙ୍କ ସହ ସଙ୍ଗିନୀର କିଛିଟା ଅନ୍ତରଙ୍ଗ ମୁହୂର୍ତ୍ତ ଏହିଥରର ଭେଟି ଆପଣମାନଙ୍କୁ। ତାଙ୍କର ଆଗାମୀ ଭବିଷ୍ୟତର ସ୍ୱପ୍ନ ଓ ବର୍ତ୍ତମାନ ନାଲ୍‌କୋର ବାସ୍ତବ ପ୍ରୋତ୍ସାହନ ନିଶ୍ଚିତ ଏକ ପ୍ରଶଂସନୀୟ ପଦକ୍ଷେପ। ତାଙ୍କର ଉଜ୍ୱଳର ଭବିଷ୍ୟତ ବାସ୍ତବରୂପ ନେଉ, ଏହା ହିଁ ଆମର କାମନା।

**ସଂଗିନୀ:** ତୁମକୁ ଖେଳିବା ପାଇଁ ଭଲ ଲାଗେ ନା ପାଠ ପଢ଼ିବା ପାଇଁ ?

**ଅନିତା :** ପାଠ ପଢ଼ିବା ପାଇଁ

**ସଂଗିନୀ:** କେଉଁ କ୍ଲାସ ଯାଏଁ ପଢିବା ପାଇଁ ଲକ୍ଷ୍ୟ ରଖିଛ ?

**ଅନିତା :** ପି.ଜି.

**ସଂଗିନୀ:** ପାଠ ପଢ଼ିବା ପାଇଁ କେଉଁ ସବୁ ବାଧାବିଘ୍ନ ସାମ୍ନା କରିବାକୁ ପଡୁଛି ?

**ଅନିତା :** ଘରର ଆର୍ଥିକ ଅବସ୍ଥା ସୁଦୃଢ ନୁହେଁ। ଟିଉସନ ହୋଇପାରୁନଥିଲି। ଯେହେତୁ ସ୍କୁଲ ଘରଠାରୁ ୫ କିମି, ବାପାଙ୍କ ଦେହ ଖରାପ ହେଲେ ସ୍କୁଲ ଯାଇପାରେ ନାହିଁ।

**ସଂଗିନୀ:** ତୁମକୁ କେଉଁ ସୁବିଧା ମିଳିଲେ ଆଗକୁ ଆହୁରି ଭଲ ପାଠ ପଢିପାରିବ ?

**ଅନିତା :** ଆର୍ଥିକ ସୁବିଧା ମିଳିଲେ ଆହୁରି ଉଚ୍ଚ ଶିକ୍ଷା ଲାଭ କରିପାରିବି ବୋଲି ଭାବୁଛି।

**ସଂଗିନୀ:** କେଉଁ ସବୁ ଖେଳ ପ୍ରତି ତୁମର ଆଗ୍ରହ ଅଛି ?

**ଅନିତା :** କେରମ, Quiz Competition, Arithmetic ରେସ

**ସଂଗିନୀ:** ଖେଳ କିମ୍ବା ପାଠ ପଢାରେ କିଛି ପୁରସ୍କାର ପାଇଛ କି ?

**ଅନିତା :** ହଁ। ପାଠ ପଢା ପାଇଁ ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ବୃତ୍ତି ପାଇଛି। ନାଲକୋ ତରଫରୁ, ନାଲକୋର ଅଲିଅଳି ଝିଅ ବୃତ୍ତି ଏବଂ Burnt ପୁରସ୍କାର ପାଇଛି।

**ସଂଗିନୀ:** ଭବିଷ୍ୟତରେ କଣ ହେବା ପାଇଁ ଲକ୍ଷ୍ୟ ରଖିଛ ?

**ଅନିତା :** ଅଧ୍ୟାପିକା

**ସଂଗିନୀ:** ତୁମ ଲକ୍ଷ୍ୟ ହାସଲ କରିବା ପାଇଁ ତୁମେ କେଉଁ ସବୁ ସୁବିଧା ସୁଯୋଗର ଆଶା ରଖିଛ ?

**ଅନିତା :** ମୋ ଲକ୍ଷ ହାସଲ କରିବାକୁ ହେଲେ ଗୁଣାତ୍ମକ ଶିକ୍ଷା ଆବଶ୍ୟକ। ଗୁଣାତ୍ମକ ଶିକ୍ଷା ପାଇଁ ଟିଉସନ ଜରୁରୀ। ଆର୍ଥିକ ସହାୟତା ହେଲେ ମୁଁ ଭଲ ଟିଉସନ ହୋଇପାରିବି ଏବଂ କଲେଜରେ ଠିକ ସମୟରେ fees ପଇଠ କରିପାରିବି।

**ସଂଗିନୀ:** ଭଲ ପାଠ ପଢିବା ପାଇଁ ତୁମେ ସାଙ୍ଗମାନଙ୍କୁ କ'ଣ ଉପଦେଶ ଦେବାକୁ ଚାହିଁବ ?

**ଅନିତା :** ମନଦେଇ ପାଠ ପଢିଲେ ସବୁ ଲକ୍ଷ୍ୟ ହାସଲ କରିହୁଏ।

**ସଂଗିନୀ:** ତୁମେ ଜଣେ ଝିଅ ବୋଲି ଘରେ, ସମାଜରେ, ସ୍କୁଲରେ କ'ଣ ସବୁ ସୁବିଧା ଓ ଅସୁବିଧା ଉପଲବ୍ଧି କରିଛ ?

**ଅନିତା :** ମୁଁ ଝିଅ ବୋଲି ଆଜି ନାଲକୋର ଅଲିଅଳି ଝିଅ ବୃତ୍ତି ପାଇପାରିଛି। ଝିଅ ପିଲା ହୋଇଥିବାରୁ ଏକୁଟିଆ ୫କିମି ଦୂରତାରେ ଥିବା ସ୍କୁଲକୁ ଯିବାରେ ଅସୁବିଧା ହୁଏ।

**ସଂଗିନୀ:** ନାଲକୋର ଲାଡଲି ହିସାବରେ ତୁମକୁ କଣ ସବୁ ସୁବିଧା ମିଳୁଛି ?

**ଅନିତା :** ମାସିକ ୫୦୦ ଟଙ୍କା ହିସାବରେ, ବର୍ଷକୁ ୬୦୦୦ ଟଙ୍କା ୮ମରୁ ୧୦ମ ଶ୍ରେଣୀଯାଏଁ ବୃତ୍ତି ମିଳୁଛି। ନାଲକୋ ତରଫରୁ Career Counseling କରାଯାଇଛି, ଯାହାଦ୍ୱାରା ମୋ career ସଠିକ ଦିଗରେ ଯାଇପାରିବ। NALCO Merit Award, Rural Sports ଏବଂ ନାଲକୋର ବିଭିନ୍ନ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ପାଇ ଯୋଗ ଦେଉଛି।

**ସଂଗିନୀ:** ନାଲକୋ ଲାଡଲି ହିସାବରେ ତୁମେ ଆଉ କ'ଣ ଆଶା କରୁଛ ?

**ଅନିତା :** ଏହି ବୃତ୍ତି ରାଶିକୁ ଅତି କମରେ Gradution level ପର୍ଯ୍ୟନ୍ତ ବୃଦ୍ଧ କରାଗଲେ ମୁଁ ନାଲକୋ ଉପରେ ଚିରଉପକୃତ ହେବି।

**ସଂଗିନୀ:** ତୁମର hobby କ'ଣ ? କେଉଁ hobbyକୁ ପ୍ରୋତ୍ସାହନ ଦେଲେ ତୁମେ ଭବିଷ୍ୟତରେ ସେ ଦିଗରେ ନାମ ଅର୍ଜନ କରିପାରିବ ?

**ଅନିତା :** ନୂଆ ନୂଆ ବହି ପଢିବା ଓ କ୍ୟାରମ ଖେଳିବା। ମତେ କ୍ୟାରମ ଖେଳିବା ଦିଗରେ ପ୍ରୋତ୍ସାହନ ଯୋଗାଇଦେଲେ ମୁଁ ଭବିଷ୍ୟତରେ ସେ ଦିଗରେ ମଧ୍ୟ ନାମ ଅର୍ଜନ କରିପାରିବି।

Nalco Mahila Samiti, Bhubaneswar has been rendering social services in and around Bhubaneswar. Similarly, Nalco Ladies Clubs at Damanjodi and Angul are also actively contributing their services in and around the plants and townships. It has been the endeavor of these bodies to reach out to the people of all age groups of all sections of our society. Here is a glimpse of activities and achievements of NMS.

## At Bhubaneswar



Release of Sanginee by CMD, NALCO in presence of other dignitaries



Visit to Tapavan Ashram School Library




Financial literacy - focus on good economy




Sing... sing... celebrate the joy of light - the joy of life



The luckiest one



Listening to invest wisely



Plantation programme at Tapavan Ashram School




Dancing Divas






Nalco swachhata kit distribution to the girl students

## At Damanjodi



Adopted Gungun Chand VI & Manisha Pradhan VII
Saraswati Sishu Vidya Mandir, Mathalput



Children's Day Deaf & Dumb School Sunabeda



Cooking Demonstration on 28th Nov. 2018




Donation of Sweaters to Anandam Kids School, Dumuriput



Donation of Kitchen Vessels to Blind School, Koraput



Distribution of Bed-sheets at Blind School, Koraput



Providing lunch to the inmates of Blind School, Koraput on Children's Day



Distribution of Study Materials to Deaf & Dumb School, Sunabeda



Pre Diwali celebration on 3rd Nov. 2018

## At Angul













Readers are requested to send their suggestions and feedback to **nmssangini@gmail.com**.
Write ups in clear handwriting or soft copy should reach the Coordinator before 5th March 2019. **- Editor**


नालको की लाड़ली
EDUCATE & EMPOWER
नालको NALCO
AN INDUSTRIAL TEMPLE
ଗ୍ରାମାଞ୍ଚଳରେ ଦୈନିକ ସ୍ୱାସ୍ଥ୍ୟ ସେବା
ନାଲ୍‌କୋ : ଓଡ଼ିଶାର ସ୍ୱାଭିମାନର ପ୍ରତୀକ
CIN : L27203OR1981GOI000920
A lot of things make ODISHA proud
NALCO is one of them